# NATIONAL NEWS BULLETIN (ODIA)
## 26th September - 2024
## Morning Bulletin : 7.15 a.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପରିଦର୍ଶନ କରିବେ ବିଶ୍ୱର ସର୍ବୋଚ୍ଚ ଯୁଦ୍ଧକ୍ଷେତ୍ର ଅଞ୍ଚଳ ସିଆଚୀନ ।
- ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ୩ଟି ପରମରୁଦ୍ର ସୁପର କମ୍ପ୍ୟୁଟରକୁ ଆଜି ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।
- ଗତ ୧୦୦ ଦିନ ମଧ୍ୟରେ ଦେଶରେ ମୌଳିକଢାଞ୍ଚାର ବିକାଶ ସହିତ ବିଭିନ୍ନ ବର୍ଗର ଲୋକଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ପ୍ରାୟ ୧୫ ଲକ୍ଷ କୋଟି ଟଙ୍କାର ଅନେକ ବିକାଶମୂଳକ ଯୋଜନାର ଶୁଭାରମ୍ଭ କରିଛନ୍ତି କେନ୍ଦ୍ର ସରକାର ।

ଏବଂ

- ଜମ୍ମୁ-କାଶ୍ମୀର ବିଧାନସଭା ଲାଗି ଗତକାଲି ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୫୪ ଦଶମିକ ୧/୧ ପ୍ରତିଶତ ମତଦାନ ।

— ଆସନ୍ତାମାସ ପହିଲାରେ ହେବ ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ଭୋଟ୍‌ଗ୍ରହଣ ।

## ପ୍ରେଜ୍ - ସିଆଚୀନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସିଆଚୀନ ବେସ୍ କ୍ୟାମ୍ପ୍ ଗସ୍ତ କରିବେ । ରାଷ୍ଟ୍ରପତି ସେଠାରେ ଅବସ୍ଥାପିତ ସେନା ଅଧିକାରୀ ତଥା ଯବାନମାନଙ୍କ ସହିତ ବାର୍ତ୍ତାଳାପ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ରାଷ୍ଟ୍ରପତି ଭବନ ପକ୍ଷରୁ ସୂଚନା ଦିଆଯାଇଛି । ଲଦାଖ କେନ୍ଦ୍ରଶାସିତ ଅଞ୍ଚଳରେ ଅବସ୍ଥାପିତ ବିଶ୍ୱର ସର୍ବୋଚ୍ଚ ଯୁଦ୍ଧକ୍ଷେତ୍ର ଅଞ୍ଚଳ ସିଆଚୀନ ଗସ୍ତ କରିବାରେ ଶ୍ରୀମତୀ ମୁର୍ମୁ ହେଉଛନ୍ତି ତୃତୀୟ ଭାରତୀୟ ରାଷ୍ଟ୍ରପତି । ପୂର୍ବରୁ ୨୦୦୪ ମସିହା ଏପ୍ରିଲ୍ ମାସରେ ତତ୍କାଳୀନ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ. କଲାମ ଏବଂ ୨୦୧୮ ମେ ମାସରେ ରାମନାଥ କୋବିନ୍ଦ ଏହି ବେସ୍ କ୍ୟାମ୍ପ୍ ପରିଦର୍ଶନ କରିଥିଲେ । ଅପରେସନ ମେଘଦୂତ୍ ଅଧୀନରେ ଭାରତୀୟ ସେନା ୧୯୮୪ ମସିହା ଏପ୍ରିଲ୍ ୧୩ ତାରିଖରେ ଏହି ଅଞ୍ଚଳକୁ ନିଜର ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆଣିଥିଲା ।

# ପି.ଏମ୍. - ମହାରାଷ୍ଟ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମହାରାଷ୍ଟ୍ର ଗସ୍ତ କରି ୨୨ ହଜାର ୬୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ । ଏହି ଅବସରରେ ଶ୍ରୀ ମୋଦୀ ପୁନେଠାରେ ଜିଲ୍ଲା ଅଦାଲତରୁ ସ୍ୱାର୍ଗେଟ୍ ପର୍ଯ୍ୟନ୍ତ ଚାଲିବାକୁ ଥିବା ମେଟ୍ରୋ ଟ୍ରେନ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବେ । ସେହିଭଳି ସୁପର କମ୍ପ୍ୟୁଟିଂ ବୈଷୟିକ ଜ୍ଞାନ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭର କରାଇବା ଦିଗରେ ନିଜର ପ୍ରତିଶ୍ରୁତିବଦ୍ଧତା ବଜାୟ ରଖିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ପ୍ରାୟ ୧୩୦ କୋଟି ଟଙ୍କାର ତିନୋଟି ପରମରୁଦ୍ର ସୁପର କମ୍ପ୍ୟୁଟର ଦେଶ ଉଦ୍ଦେଶ୍ୟରେ ଲୋକାର୍ପଣ କରିବେ । ଏହି ସୁପର କମ୍ପ୍ୟୁଟର ଗୁଡ଼ିକ ଜାତୀୟ ସୁପର କମ୍ପ୍ୟୁଟିଂ ମିଶନ୍ ଅଧୀନରେ ସ୍ୱଦେଶ ଜ୍ଞାନକୌଶଳରେ ବିକଶିତ କରାଯାଇଛି । ବିଭିନ୍ନ ଅଗ୍ରଣୀ ବୈଜ୍ଞାନିକ ଗବେଷଣାତ୍ମକ କାର୍ଯ୍ୟରେ ସହାୟତା କରିବା ଲାଗି ଏହି ସୁପର କମ୍ପ୍ୟୁଟରଗୁଡ଼ିକୁ ପୁନେ, ଦିଲ୍ଲୀ ଓ କୋଲକାତାରେ ସ୍ଥାପନ କରାଯାଇଛି । ଏହାଛଡ଼ା ଶ୍ରୀ ମୋଦୀ ପାଣିପାଗ ଓ ଜଳବାୟୁ କ୍ଷେତ୍ରରେ ଗବେଷଣା ଲାଗି ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ସମ୍ପନ୍ନ କମ୍ପ୍ୟୁଟିଂ ବ୍ୟବସ୍ଥାର ଉଦ୍‌ଘାଟନ କରିବେ । ପ୍ରାୟ ୮୫୦ କୋଟି ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟକାରୀ ହେବାକୁ ଥିବା ଏହି କମ୍ପ୍ୟୁଟିଂ ବ୍ୟବସ୍ଥା' ଭାରତର ପାଣିପାଗ କ୍ଷେତ୍ରକୁ ଅଧିକ ସହାୟତା ଯୋଗାଇବ ।

# ମୋଦି - ୩.୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଲଗାତାର ତୃତୀୟ ଥର ଲାଗି କ୍ଷମତାକୁ ଆସିବା ପରେ ଇତିମଧ୍ୟରେ ୧୦୦ ଦିନ ପୂରଣ କରିଛି । ଏହି ସମୟ ମଧ୍ୟରେ ସରକାର ମୌଳିକଢାଞ୍ଚାର ବିକାଶ ସହିତ କୃଷକ, ମଧ୍ୟବିତ୍ତ ଶ୍ରେଣୀ, ମହିଳା ଓ ଯୁବାବର୍ଗଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ପ୍ରାୟ ୧୫ ଲକ୍ଷ କୋଟି ଟଙ୍କାର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ଶୁଭାରମ୍ଭ କରିଛନ୍ତି । ଏ ସମ୍ପର୍କରେ ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ, ଦେଶର ବିକାଶ ଲାଗି ସୁଶାସନର ଆବଶ୍ୟକତା ଅତ୍ୟନ୍ତ ଜରୁରୀ । ଏକ ବିକଶିତ ଭାରତ ଗଠନ ଲାଗି କେନ୍ଦ୍ର ସରକାର ଇତିମଧ୍ୟରେ ବିବିଧ ପଦକ୍ଷେପ ଗ୍ରହଣ କରିଛନ୍ତି । ସାମାଜିକ, ଅର୍ଥନୈତିକ ଏବଂ ବିଚାର ବିଭାଗୀୟ ସଶକ୍ତୀକରଣ ଲାଗି ସରକାର ଅନେକ ସଂସ୍କାରମୂଳକ କାର୍ଯ୍ୟ କରିଛନ୍ତି । ଉପଯୁକ୍ତ ସମୟରେ ନ୍ୟାୟ ପ୍ରଦାନ କରିବା ତଥା ଏହାକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ସରକାର ଇତିମଧ୍ୟରେ ପୁରାତନ ଉପନିବେଶ ଆଇନଗୁଡ଼ିକୁ ଉଚ୍ଛେଦ କରି ୩ଟି ନୂତନ ଅପରାଧିକ ଆଇନ କାର୍ଯ୍ୟକାରୀ କରିଛନ୍ତି ।

ସେହିଭଳି ଏକକ ପେନ୍‌ସନ୍ ଯୋଜନା ଅଧୀନରେ ସରକାର ୨୩ ଲକ୍ଷ ସରକାରୀ କର୍ମଚାରୀଙ୍କୁ ୫୦ ପ୍ରତିଶତ ପେନ୍‌ସନ୍ ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଛନ୍ତି । ଏତଦ୍‌ବ୍ୟତୀତ ସରକାର ଅବସରପ୍ରାପ୍ତ ସେନା କର୍ମଚାରୀ ଏବଂ

ସେମାନଙ୍କ ପରିବାରର କଲ୍ୟାଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ 'ଏକ ର୍‌ୟାଙ୍କ୍, ଏକ ପେନ୍‌ସନ୍' ଯୋଜନାକୁ ସଂଶୋଧନ କରିଛନ୍ତି । ସେହିଭଳି ଗତ ୧୦୦ ଦିନ ମଧ୍ୟରେ କେନ୍ଦ୍ରର ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକ ପକ୍ଷରୁ ୧୫ ହଜାରରୁ ଊର୍ଦ୍ଧ୍ୱ ଯୁବବର୍ଗଙ୍କୁ ସରକାରୀ ଚାକିରିରେ ନିଯୁକ୍ତି ପ୍ରଦାନ କରାଯାଇଛି । ଲଦାଖ୍‌ର ସାମଗ୍ରିକ ବିକାଶ ଲାଗି ସରକାର ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି । ସେଠାରେ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସୁଫଳ ଯେଭଳି ସଠିକ୍ ଉପଲବ୍ଧ କରାଯାଇପାରିବ, ସେଥିଲାଗି ଲଦାଖ୍‌ରେ ନୂତନ ୫ଟି ଜିଲ୍ଲା ଗଠନ କରିବା ଲାଗି ଏକ ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ କରିଛନ୍ତି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଇ.ସି. - ଜେ.କେ.

ଜମ୍ମୁ-କାଶ୍ମୀର ବିଧାନସଭା ଲାଗି ଗତାକାଲି ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି । ୨୬ଟି ବିଧାନସଭା ଆସନ ଲାଗି ଅନୁଷ୍ଠିତ ଏହି ନିର୍ବାଚନରେ ଗତକାଲି ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ମତଦାନ କରାଯାଇଛି । ୫୪ ଦଶମିକ ୧/୧ ପ୍ରତିଶତ ମତଦାତା ଏହି ପର୍ଯ୍ୟାୟରେ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି ବୋଲି ନିର୍ବାଚନ ଆୟୋଗ କହିଛନ୍ତି । ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାର, ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଓ ଡକ୍ଟର ସୁଖବୀର ସିଂହ ସାନ୍ଧୁ ଜମ୍ମୁ-କାଶ୍ମୀରରେ ନିର୍ବାଚନ ଯେଭଳି ଶାନ୍ତି

ଶୃଙ୍ଖଳାର ସହ ସମ୍ପନ୍ନ ହୋଇପାରିବ, ସେଥିଲାଗି ମତଦାନ ପ୍ରକ୍ରିୟା ଉପରେ ନିରନ୍ତର ଦୃଷ୍ଟି ରଖିଥିଲେ । ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାର କହିଛନ୍ତି, ପାହାଡିଆ ଅଞ୍ଚଳ ଏବଂ ଉପତ୍ୟାକାରେ ବସବାସ କରୁଥିବା ଜମ୍ମୁ-କାଶ୍ମୀରବାସୀ ଏକଦା ନିର୍ବାଚନରେ ଭୟଭୀତ ହୋଇ ଏହାକୁ ବର୍ଜନ କରୁଥିଲେ । ମାତ୍ର ବର୍ତ୍ତମାନ ଏହି ଗଣତାନ୍ତ୍ରିକ ପର୍ବରେ ସେମାନେ ଆଗ୍ରହର ସହ ଅଂଶଗ୍ରହଣ କରୁଛନ୍ତି । କୌଣସି ପ୍ରକାର ଭୟ ବା ଚାପର ବଶବର୍ତ୍ତୀ ନ ହୋଇ ଯେଭଳି ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ମତଦାନ କରାଯାଇପାରିବ, ସେଥିଲାଗି ଆୟୋଗଙ୍କ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଏଥିସହିତ ମତଦାନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ୱେବ୍‌କାଷ୍ଟିଂ କରାଯାଇଛି ବୋଲି ଶ୍ରୀ କୁମାର କହିଛନ୍ତି ।

## ଜେ.କେ. - ଏଲ୍.ଜି. ଗ୍ରାଟିଚୁଡ୍

ଜମ୍ମୁ-କାଶ୍ମୀର ବିଧାନସଭା ଲାଗି ଗତକାଲି ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ବହୁ ସଂଖ୍ୟାରେ ମତଦାନ ହୋଇଥିବାରୁ ଉପରାଜ୍ୟପାଳ ମନୋଜ ସିହ୍ନା ମତଦାତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ସିହ୍ନା ରିଆସୀ, ପୁଞ୍ଚ୍, ରାଜୌରୀ, ଗନ୍ଦରବାଲ, ବୁଡ଼ଗାଁଓ ଏବଂ ଶ୍ରୀନଗରର ଭୋଟର୍‌ମାନଙ୍କୁ ଅଭିନନ୍ଦନ ଜଣାଇ

କହିଛନ୍ତି, ଦେଶରେ ବିକଶିତ ତଥା ଜୀବନ୍ତ ଗଣତନ୍ତ୍ର ପ୍ରକ୍ରିୟା ଜାରି ରହିଛି ବୋଲି ଏହି ରେକର୍ଡ଼ ସଂଖ୍ୟକ ମତଦାନ ତାହାର ଏକ ଜ୍ୱଳନ୍ତ ଉଦାହରଣ ।

## ଜେ.କେ. - ଲାନ୍‌ଗେଟ୍ କନ୍‌ଷ୍ଟିଚୁଏନ୍ସି

ଜମ୍ମୁ-କାଶ୍ମୀର ବିଧାନସଭା ଲାଗି ଆସନ୍ତା ଅକ୍ଟୋବର ୧ ତାରିଖ ଦିନ ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ । ଏହି ପର୍ଯ୍ୟାରେ ୪୦ଟି ବିଧାନସଭା ଆସନ ଲାଗି ମତଦାନ କରାଯିବ । ସେଥିମଧ୍ୟରୁ ଲାନ୍‌ଗେଟ୍ ବିଧାନସଭା ଆସନ ଅନେକ ଗୁରୁତ୍ୱ ବହନ କରେ ବୋଲି ଆମ ଶ୍ରୀନଗର ସମ୍ବାଦଦାତା ଜଣାଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଏହି ବିଧାନସଭା ମଣ୍ଡଳରେ ୧ ଲକ୍ଷ ୨୦ ହଜାର ୪୯୩ ଜଣ ମତଦାତା ରହିଛନ୍ତି । ସେମାନଙ୍କ ମଧ୍ୟରେ ୬୦ ହଜାର ୧୬୪ ଜଣ ପୁରୁଷ ଓ ୬୦ ହଜାର ୩୨୬ ମହିଳା ମତଦାତା ଅଛନ୍ତି । ମତଦାତାମାନେ ଯେଭଳି ସୁରୁଖୁରୁରେ ନିଜର ମତାଧିକାର ସାବ୍ୟସ୍ତ କରିପାରିବେ, ସେଥିଲାଗି ନିର୍ବାଚନ ଆୟୋଗ ୧୪୩ଟି ମତଦାନ କେନ୍ଦ୍ର ସ୍ଥାପନ କରିଛନ୍ତି । ଏହି ପର୍ଯ୍ୟାୟ ନିର୍ବାଚନରେ ୧୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସେମାନଙ୍କ ମଧ୍ୟରେ ପିପୁଲ୍‌ସ୍ କନ୍‌ଫରେନ୍ସ ପାର୍ଟିର ଇର୍‌ଫାନ ସୁଲତାନ ପଣ୍ଡିତପୋରି, ଆୱାମି ଇତେହାଦ୍ ପାର୍ଟିର ଖୁର୍ସିଦ୍ ଅହମ୍ମଦ ଶେଖ୍ ପ୍ରମୁଖ ଅନ୍ତର୍ଭୁକ୍ତ । ଶାନ୍ତଶୃଙ୍ଖଳାର

ସହ ନିର୍ବାଚନ ସମ୍ପନ୍ନ କରାଇବା ଲାଗି ଆୟୋଗଙ୍କ ପକ୍ଷରୁ ସମସ୍ତ ଆବଶ୍ୟକ ପଦକ୍ଷେପ ନିଆଯାଇଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଜୟଶଙ୍କର - ୟୁ.ଏନ୍.ଜି.ଏ.

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗତକାଲି ନ୍ୟୁୟର୍କଠାରେ ତାଙ୍କର ରୁଷ୍ ପ୍ରତିପକ୍ଷ ସେର୍ଗେ ଲାବ୍‌ରୋଭ୍‌ଙ୍କ ସହିତ ଆଲୋଚନା କରିଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ମିଳିତ ଜାତିସଂଘ ସାଧାରଣ ପରିଷଦର ଅଣାଅଶୀତମ ଅଧିବେଶନରେ ଯୋଗଦେବା ଅବସରରେ ସେ ଶ୍ରୀ ଲାବ୍‌ରୋଭ୍‌ଙ୍କ ସହିତ ଦ୍ୱିପକ୍ଷୀୟ ବୈଠକରେ ଯୋଗ ଦେଇଥିଲେ । ବୈଠକରେ ଉଭୟ ନେତା ବିଭିନ୍ନ କ୍ଷେତ୍ରରେ ଦ୍ୱିପକ୍ଷୀୟ ସହଯୋଗ ତଥା ଅନ୍ୟାନ୍ୟ ଆଞ୍ଚଳିକ ସମସ୍ୟା ଉପରେ ଆଲୋଚନା କରିଛନ୍ତି ।

ଏହାଛଡ଼ା ଡକ୍ଟର ଜୟଶଙ୍କର ତାଙ୍କର ନ୍ୟୁଜିଲାଣ୍ଡ ପ୍ରତିପକ୍ଷ ୱିନ୍‌ଷ୍ଟନ୍ ପିଟର୍ସଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଡକ୍ଟର ଜୟଶଙ୍କର ଏହି ଗସ୍ତ ପରିପ୍ରେକ୍ଷୀରେ ବେଲ୍‌ଜିୟମ୍‌ର ପ୍ରଧାନମନ୍ତ୍ରୀ ଆଲେକ୍‌ଜାଣ୍ଡାର ଡି. କ୍ରୁ'ଙ୍କ ସହିତ ଉତ୍ପାଦନ ଏବଂ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ସହଯୋଗ ତଥା ୟୁକ୍ରେନ୍ ସ୍ଥିତି ଉପରେ ମତ ବିନିମୟ କରିଛନ୍ତି ବୋଲି ଉଲ୍ଲେଖ କରିଛନ୍ତି । ସେହିଭଳି ସେ ଗ୍ରୀସ୍‌ର ବୈଦେଶିକ ବ୍ୟାପାର

ମନ୍ତ୍ରୀ ଗିୟରଗୋସ୍ ଗେରାପେଟ୍ରିଟିସ୍‌ଙ୍କ ସହିତ ଏକ ଦ୍ୱିପକ୍ଷୀୟ ବୈଠକରେ ଯୋଗଦେଇ ଜାହାଜ ଚଳାଚଳ, ଶକ୍ତି, ସଂଯୋଗୀକରଣ ଓ ପ୍ରତିରକ୍ଷା ଆଦି କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ଥିବା ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ଆଲୋଚନା କରିଛନ୍ତି । ଏତଦ୍‌ବ୍ୟତୀତ, ଡକ୍ଟର ଜୟଶଙ୍କର ତାଙ୍କ ବ୍ରିଟେନ୍ ପ୍ରତିପକ୍ଷ ଡାଭିଡ୍ ଲାମି'ଙ୍କ ସହିତ ସାକ୍ଷାତ୍ ଆଲୋଚନା ସମୟରେ ଭାରତ-ବ୍ରିଟେନ୍ ସମନ୍ୱିତ ରଣନୀତିକ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହି ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ତାଙ୍କର କାଜାଖସ୍ତାନ ପ୍ରତିପକ୍ଷ ନୁଟ୍‌ଲିଉ, ମରକୋ ପ୍ରତିପକ୍ଷ ନାସେର ବୌରିଟା'ଙ୍କ ସମେତ ଅନ୍ୟ ଦେଶର ନେତୃବୃନ୍ଦଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିବା ସମ୍ପର୍କରେ ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି ।

## ଫୁଡ୍ ଗ୍ରେନ୍ ପ୍ରଡକ୍ସନ୍

୨୦୨୩-୨୪ ବର୍ଷରେ ଦେଶରେ ରେକର୍ଡ଼ ପରିମାଣ ୩ ହଜାର ୩୨୨ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଛି, ଯାହାକି ୨୦୨୨-୨୩ ବର୍ଷ ତୁଳନାରେ ୨୬ ଲକ୍ଷ ମେଟ୍ରିକ୍ ଟନ୍ ଅଧିକ ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି । ମନ୍ତ୍ରଣାଳୟ କହିଛି, ୨୦୨୩-୨୪ ବର୍ଷରେ ଧାନ, ଗହମ ଓ ଶ୍ରୀଅନ୍ନ ଉତ୍ପାଦନରେ ରେକର୍ଡ଼ ପରିମାଣ ବୃଦ୍ଧି ପାଇଛି । ଧାନ

୧ ହଜାର ୩୭୮ ଲକ୍ଷ ମେଟ୍ରିକ୍ ଟନ୍, ଗହମ ୧ ହଜାର ୧୩୨ ଲକ୍ଷ ମେଟ୍ରିକ୍ ଟନ୍ ଏବଂ ଶ୍ରୀଅନ୍ନ ୧୭୫ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଊର୍ଦ୍ଧ୍ୱ ପରିମାଣର ଉତ୍ପାଦନ ହୋଇଛି ବୋଲି ମନ୍ତ୍ରଣାଳୟ କହିଛି ।

*****